**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୩୧ ● ପାଉଣ୍ଡ ୧୨୯.୪୦
- ୟୁରୋ ୧୧୨.୨୧ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୫୦୦ (ଭୁବନେଶ୍ୱର)
- ରୁପା : ୩,୨୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୬୦୮.୦୦
- ନିଫ୍ଟି ୨୩,୪୧୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୦୩ (ଭୁବନେଶ୍ୱର)
- ଡିଜେଲ୍ - ୯୨.୫୬



ଖୁଚୁରା ମୁଦ୍ରାସ୍ଫୀତି ଉପରମୁହାଁ

# ତେଲ, ଯୁଦ୍ଧ, ମୌସୁମୀ ବଢ଼ାଇବ ଦରଦାମ୍

ନୂଆଦିଲ୍ଲୀ,୧୩।୫(ଏଜେନ୍ସି):

ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଏପ୍ରିଲରେ ସାମାନ୍ୟ ବୃଦ୍ଧି ପାଇ ୩.୫ ପ୍ରତିଶତ ହୋଇଛି, ଯାହା ମାର୍ଚ୍ଚ ମାସରେ ୩.୪ ପ୍ରତିଶତ ଥିଲା। ଯଦିବା ମୁଦ୍ରାସ୍ଫୀତିରେ ଏହି ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଖାଦ୍ୟ ଏବଂ ପାନୀୟ ମୂଲ୍ୟ ବୃଦ୍ଧିର ପ୍ରଭାବ ଏଥିରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ପ୍ରାୟତଃ ଅପରିବର୍ତ୍ତିତ ଥିବାରୁ ମୁଦ୍ରାସ୍ଫୀତି ବର୍ତ୍ତମାନ ପାଇଁ ନିୟନ୍ତ୍ରଣ ମଧ୍ୟରେ ରହିଛି। ହେଲେ ବର୍ତ୍ତମାନ ତିନୋଟି କାରଣ ଭାରତୀୟ ଖାଉଟି ବଜାର ଆଗରେ ବଡ଼ ସମସ୍ୟା ସାଜିଛି। ସେଗୁଡିକ ହେଉଛି ତେଲ, ଯୁଦ୍ଧ ଏବଂ ମୌସୁମୀ ପ୍ରବାହ। ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ, ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଏବଂ ଦୁର୍ବଳ ମୌସୁମୀ ଭଳି ଚ୍ୟାଲେଞ୍ଜ ଆଗାମୀ ମାସଗୁଡ଼ିକରେ ଭାରତୀୟ ବଜାର ଉପରେ ଚାପ ବୃଦ୍ଧି କରିପାରେ। ଏଥିଯୋଗୁ ପୁଣି ଖାଉଟି ବଜାର ଦର ଅସମ୍ଭାଳ ହେବ। ଯାହାଫଳରେ ଖାଦ୍ୟ ସାମଗ୍ରୀଗୁଡିକର ଦର ବୃଦ୍ଧି ଘଟିବ। ବ୍ରୋକରେଜ୍ ଫାର୍ମ ନୁଭାମାର ଏକ ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ମୁଦ୍ରାସ୍ଫୀତି ୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚରେ ୩.୭ ପ୍ରତିଶତ ରହିଥିଲା। ଖାଦ୍ୟ ମୂଲ୍ୟ ବୃଦ୍ଧି ଯୋଗୁଁ ମୁଖ୍ୟ ମୁଦ୍ରାସ୍ଫୀତିରେ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି।




ରିପୋର୍ଟ ଅନୁଯାୟୀ, ଏଲ୍‌ପିଜି ଅଭାବ ଏବଂ ଯୋଗାଣ ବାଧା ମଧ୍ୟ ରେସ୍ତୋରାଁ ସେବାକୁ ପ୍ରଭାବିତ କରିଛି। ଏପ୍ରିଲରେ, ରେସ୍ତୋରାଁ ମୁଦ୍ରାସ୍ଫୀତି ୪.୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚରେ ୨.୯ ପ୍ରତିଶତ ଥିଲା। ଏହାସହିତ, କୋଇଲା ଏବଂ ବିକଳ୍ପ ଇନ୍ଧନ ମୂଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି। କୋଇଲା ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ୪.୩ ପ୍ରରୁ ବୃଦ୍ଧି ପାଇ ୭.୮ ପ୍ରତିଶତରେ ପହଞ୍ଚିଛି। ତଥାପି, ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରାୟତଃ ସ୍ଥିର ରହିଛି, ଯାହା ଗ୍ରାହକଙ୍କ ଉପରେ କୌଣସି ତୁରନ୍ତ ପ୍ରଭାବ ପକାଇବାକୁ ବାଧା ସୃଷ୍ଟି କରିଛି। ଖାଦ୍ୟ ଏବଂ ଇନ୍ଧନକୁ ବାଦ ଦେଇ ମୂଳ ମୁଦ୍ରାସ୍ଫୀତି

### ମହଙ୍ଗା ହେବ ଖାଦ୍ୟ ସାମଗ୍ରୀ
### ଆଗାମୀ ମାସଗୁଡ଼ିକରେ ମୁଦ୍ରାସ୍ଫୀତି ବିପଦରେ ଅଧିକ

ଏପ୍ରିଲରେ ୩.୪ ପ୍ରତିଶତରେ ସ୍ଥିର ରହିଛି। ପୋଷାକ, ଭଡା, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପରିବହନ ଭଳି ବର୍ଗରେ ମୂଲ୍ୟ ଅପରିବର୍ତ୍ତିତ ରହିଛି। ସୁନା ଏବଂ ରୂପା ମୂଲ୍ୟ ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ସୁପର-କୋର ମୁଦ୍ରାସ୍ଫୀତି ମଧ୍ୟ ୨.୨ ପ୍ରତିଶତରେ ରହିଛି, ଯାହା ସୂଚାଇଥାଏ ଯେ ଚାହିଦା-ଚାଳିତ ମୁଦ୍ରାସ୍ଫୀତି ଏ ପର୍ଯ୍ୟନ୍ତ ଯଥେଷ୍ଟ ବୃଦ୍ଧି ପାଇନାହିଁ। ହେଲେ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଆଗାମୀ ମାସଗୁଡ଼ିକରେ ଭାରତୀୟ ବଜାର ପାଇଁ ମୁଦ୍ରାସ୍ଫୀତି ବିପଦରେ ରହିଛି। ଇରାନ ଯୁଦ୍ଧ, ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ଏବଂ ଯୋଗାଣ ଶୃଙ୍ଖଳା ବାଧା ଭବିଷ୍ୟତରେ ଚାପ ସୃଷ୍ଟି କରିପାରେ। ବର୍ତ୍ତମାନ, ଅଶୋଧିତ ତୈଳ ମୂଲ୍ୟ ଯୁଦ୍ଧ ପୂର୍ବ ତୁଳନାରେ ପ୍ରାୟ ୪୦ ପ୍ରତିଶତ ଅଧିକ ରହିଛି। ଏହାସହିତ, ସାଧାରଣ ଅପେକ୍ଷା ଦୁର୍ବଳ ମୌସୁମୀର ପୂର୍ବାନୁମାନ ମଧ୍ୟ ଖାଦ୍ୟ ମୁଦ୍ରାସ୍ଫୀତିକୁ ବୃଦ୍ଧି କରିପାରେ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆର୍ଥିକବର୍ଷ ୨୭ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪.୬ ପ୍ରତିଶତରେ ରହିବା ନେଇ ଆକଳନ କରିଛି। ମୂଳ ମୁଦ୍ରାସ୍ଫୀତି ୪.୪ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ମୁଦ୍ରାସ୍ଫୀତି ବର୍ତ୍ତମାନ ଆର୍ବିଆଇର ନିର୍ଦ୍ଧାରିତ ସୀମା ମଧ୍ୟରେ ରହିବ ବୋଲି ଆଶା କରାଯାଉଛି, କିନ୍ତୁ ଆଗାମୀ ମାସଗୁଡ଼ିକରେ ଏହା ବିପଦ ବଢ଼ାଇପାରେ।

■ ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି

## ସରକାରଙ୍କ ପାଇଁ ବୁମେରାଂ ପାଲଟିବ !

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରି ପେଟ୍ରୋଲ, ଡିଜେଲ ଓ ସାରର କମ୍ ଖର୍ଚ୍ଚ କର ଆଉ ବର୍ଷକ ପାଇଁ ସୁନା କିଣିବାକୁ ଅପଇଲ୍ କରିଥିଲେ। ଠିକ୍ ଏହାର ଦୁଇ ଦିନ ପରେ ସରକାର ହଠାତ୍ ସରକାର ସୁନା ଉପରେ ଆମଦାନୀ ଶୁଳ୍କ ବଢ଼ାଇଦେଇଛନ୍ତି। ସ୍ୱରୂପ ବଜାରରେ ସୁନା-ରୁପା ଦର ଏବେ ଆକାଶ ଛୁଆଁ। ତେବେ ସରକାରଙ୍କ ଏହି ପଦକ୍ଷେପ ହୁଏତ ଆମଦାନୀ କମାଇ ଦେଇପାରେ, ହେଲେ ଆଉ ଏକ ବିପଦ ଡାକିଆଣିବ। ତାହା ହେଉଛି ଚୋରା ସୁନା କାରବାର ବଢ଼ିଯିବ।

ବୁଧବାର କେନ୍ଦ୍ର ସରକାର ସୁନା ଓ ରୁପା ଉପରେ ଆମଦାନୀ ଶୁଳ୍କ ୬% ରୁ ବଢ଼ାଇ ୧୫% କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ଆଉ ଏକ ବିପଦ ବଢ଼ିବା ଆଶଙ୍କା ଦେଖା ଦେଇଛି। ଶିଳ୍ପ ବିଶେଷଜ୍ଞଙ୍କ ମତରେ ଏଥିରେ ସୁନା ଚୋରାଚାଲାଣ ମାମଲା ପୁଣିଥରେ ବଢ଼ିଯିବ। କାରଣ ଉଚ୍ଚ ଶୁଳ୍କରୁ ବର୍ତ୍ତିବା ପାଇଁ ଅସାଧୁ ଲୋକମାନେ ଗଳାବାଟ ଦେଇ ସୁନା ଚୋରାଚାଲଣ କରିବେ। ପୂର୍ବରୁ, ଶୁଳ୍କ ହ୍ରାସ କରିବା ପରେ ସୁନା ଚୋରା ଚାଲାଣ କମିଯାଇଥିଲା। ହେଲେ ଏବେ ସ୍ଥିତି ପୂର୍ବଭଳି ହୋଇଯିବ। ଅପରପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ଓ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଳଙ୍କାର ଶିଳ୍ପ ପ୍ରଭାବିତ ହେବ। ଏ କ୍ଷେତ୍ରରେ ନିୟୋଜିତ ଥିବା ଲୋକଙ୍କ ଜୀବିକା ବି ପ୍ରଭାବିତ ହୋଇପାରେ। ଏମିତିରେ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ଦେଶର ବଡ଼ ଖୁଚୁରା ଅଳଙ୍କାର କମ୍ପାନୀ ଟାଇଟନ, କଲ୍ୟାଣ ଜୁଏଲାର୍ସଙ୍କ ଷ୍ଟକ୍ ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ତେବେ କେନ୍ଦ୍ର ସରକାର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷା ଦେବାକୁ ଯାଇ ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ଏହି ପଦକ୍ଷେପ ନେଇଥିବା କୁହାଯାଉଛି।

**ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ**

## ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ସଫଳତା



କଟକ,୧୩।୫( ସମିସ): ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ର ଛାତ୍ରଛାତ୍ରୀମାନେ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଏହି ସଫଳତା ପଛରେ ରହିଛି ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା, ଶୃଙ୍ଖଳାବଦ୍ଧ ପାଠଦାନ, ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକାଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ। ଏହି ବର୍ଷର କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୁମାରୀ ଅନନ୍ୟା ଅନୁପମା ବଳିଆରସିଂହ ୯୩.୪% ନମ୍ବର ରଖି ସଂସ୍ଥା ପାଇଁ ଗୌରବ ଆଣିଛନ୍ତି। ଅନନ୍ୟା ନିଜ ସଫଳତାର ଶ୍ରେୟ ସଂସ୍ଥାର ଅଧ୍ୟାପକ ଅଧ୍ୟାପିକାଙ୍କ ନିରନ୍ତର ମାର୍ଗଦର୍ଶନ, ପିତାମାତାଙ୍କ ଆଶୀର୍ବାଦ ଓ ସହଯୋଗ ସହିତ ନିଜର କଠିନ ପରିଶ୍ରମକୁ ଦେଇଛନ୍ତି। ସଂସ୍ଥାର ଚେୟାରମ୍ୟାନ ଡ଼କ୍ଟର ଦେବଦତ୍ତ ସ୍ୱାଇଁ କହିଛନ୍ତି ଯେ, ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ସଦା ସର୍ବଦା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶକୁ ପ୍ରାଥମିକତା ଦେଇଆସୁଛି। କେବଳ ପାଠ୍ୟ ଶିକ୍ଷା ନୁହେଁ, ବରଂ ନୈତିକ ଶିକ୍ଷା, ଶୃଙ୍ଖଳା, ସଂସ୍କାର ଓ ବ୍ୟକ୍ତିତ୍ୱ ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାର ପରିଣାମ ସ୍ୱରୂପ ପ୍ରତିବର୍ଷ ସଂସ୍ଥାର ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ସଫଳତା ହାସଲ କରୁଛନ୍ତି। ଏହି ସଫଳତା କେବଳ ଜଣେ ଛାତ୍ରୀଙ୍କ ନୁହେଁ, ବରଂ ସମଗ୍ର ସଂସ୍ଥା ପରିବାରର ଏକ ସାମୂହିକ ସଫଳତା।

**ଅନନ୍ୟାଙ୍କ ୯୩.୪% ନମ୍ବର ହାସଲ**

## ନୂଆବଜାର ସେଣ୍ଟ ଜାଭିୟର ସ୍କୁଲରେ ଶ୍ୱେତପଦ୍ମା ପ୍ରଥମ







କଟକ, ୧୩।୫(ସମିସ): କଟକ ନୂଆବଜାରସ୍ଥିତ ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ସିବିଏସଇ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ବର୍ଷ ବିଦ୍ୟାଳୟର ୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ୮୦%ରୁ ଉର୍ଦ୍ଧ୍ୱ ଏବଂ ୩୫ ଜଣ ୬୦%ରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଶ୍ୱେତପଦ୍ମା ଷଡ଼ଙ୍ଗୀ ୯୦.୬% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆୟୁଷ ପାତ୍ର (୮୮%) ଦ୍ୱିତୀୟ ଏବଂ ଅମୃତାଂଶୁ ଦାସ (୮୫%) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲର ଶତପ୍ରତିଶତ ସଫଳତା



**ଅନ୍ୱେଷା ବକ୍ସି ଟପ୍ପର**

କଟକ, ୧୩।୫(ସମିସ): ପ୍ରତାପ ନଗରୀ ଜରିପଡ଼ା ସ୍ଥିତ କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲର ସିବିଏସଇ ଦ୍ୱାଦଶ ଶ୍ରେଣୀ (୨୦୨୬) ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଚଳିତ ଶିକ୍ଷାବର୍ଷର ପରୀକ୍ଷା ଫଳ ଶତପ୍ରତିଶତ ରହିବା ସହ ସମସ୍ତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରୀ ଅନ୍ୱେଷା ବକ୍ସି ୯୨.୪% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଓ ପରିଚାଳନା କମିଟି ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଏହି କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

କ୍ୟାବିନେଟ୍ ନିଷ୍ପତ୍ତି

## କୋଇଲା ଗ୍ୟାସିଫିକେସନ୍ ସ୍କିମ୍ ପାଇଁ ୩୭,୫୦୦ କୋଟି

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): କେନ୍ଦ୍ର ସରକାର କୋଇଲାରୁ ଗ୍ୟାସ ଏବଂ ଅନ୍ୟାନ୍ୟ ସମ୍ପର୍କିତ ସାମଗ୍ରୀ ଉତ୍ପାଦନ ପାଇଁ 'କୋଇଲା ଗ୍ୟାସିଫିକେସନ୍ ସ୍କିମ୍'କୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ସ୍କିମ୍ ଲାଗି ୩୭,୫୦୦ କୋଟି ଟଙ୍କାର ଏକ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏଥିରେ ସରକାରଙ୍କ ଲକ୍ଷ୍ୟ ହେଉଛି ଦେଶରେ କୋଇଲା ଗ୍ୟାସିଫିକେସନ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଯାହା ଦ୍ୱାରା ଭାରତ ବିଦେଶରୁ ମହଙ୍ଗା ଗ୍ୟାସ, ୟୁରିଆ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ଆମଦାନୀ ହ୍ରାସ କରିପାରିବ। ସରଳ ଭାଷାରେ କହିବାକୁ ଗଲେ, ସରକାର ବର୍ତ୍ତମାନ କେବଳ ବିଦ୍ୟୁତ୍ ଉତ୍ପାଦନ ଉପରେ ନୁହେଁ ବରଂ କୋଇଲାରୁ ଗ୍ୟାସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଉତ୍ପାଦ ଉତ୍ପାଦନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି।



ଏହି ଯୋଜନା ଅନୁଯାୟୀ, ସରକାର ନୂତନ ପ୍ରକଳ୍ପଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବେ। ଯଦି କୌଣସି କମ୍ପାନୀ କୋଇଲା ଚାଳିତ ଗ୍ୟାସ ପ୍ଲାଣ୍ଟ ସ୍ଥାପନ କରେ, ତେବେ ସେ ଯନ୍ତ୍ରପାତି ଏବଂ ପ୍ଲାଣ୍ଟ ଖର୍ଚ୍ଚର ୨୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇପାରିବ। ଯେକୌଣସି ପ୍ରକଳ୍ପକୁ ସର୍ବାଧିକ ୫୦୦୦ କୋଟି ଟଙ୍କା ପ୍ରଦାନ କରାଯିବ। ଦୀର୍ଘକାଳୀନ ନିବେଶକୁ ଉତ୍ସାହିତ କରି ସରକାର ୩୦ ବର୍ଷ ପାଇଁ କମ୍ପାନୀଗୁଡ଼ିକୁ କୋଇଲା ଯୋଗାଣ ଗ୍ୟାରେଣ୍ଟି ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ତେବେ ସରକାର ଆକଳନ କରିଛନ୍ତି ଯେ ଏହି ଯୋଜନା ୨.୫ ଲକ୍ଷ କୋଟି ରୁ ୩ ଲକ୍ଷ କୋଟି

**କୋଇଲାରୁ ଉତ୍ପାଦନ ହେବ ଗ୍ୟାସ୍**

ଟଙ୍କାର ନିବେଶ ଆକର୍ଷିତ କରିପାରିବ। ଏହା ସହିତ, ପ୍ରାୟ ୫୦ ହଜାର ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବାର ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକାଂଶ ପ୍ରକଳ୍ପ କୋଇଲା ଉତ୍ପାଦନକାରୀ ରାଜ୍ୟ ଏବଂ ଅଞ୍ଚଳରେ ଅବସ୍ଥିତ ହେବ, ଯାହା ସେଠାରେ ନିଯୁକ୍ତି ଏବଂ ବ୍ୟବସାୟକୁ ବୃଦ୍ଧି କରିପାରିବ। ସରକାର କହିଛନ୍ତି ଯେ ଏହି ଯୋଜନା ଘରୋଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଥିବା କମ୍ପାନୀଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହାର ଅର୍ଥ ହେଉଛି ପ୍ରୟାସ କେବଳ ଗ୍ୟାସ୍ ଉତ୍ପାଦନ କରିବା ପାଇଁ ନୁହେଁ, ବରଂ ଭାରତରେ ଏହା ସହିତ ଜଡିତ ସମଗ୍ର ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପକୁ ମଜବୁତ କରିବା ପାଇଁ।

କୋଇଲା ଗ୍ୟାସିଫିକେସନ୍ ହେଉଛି, ଏକ ପ୍ରଯୁକ୍ତିବିଦ୍ୟା ଯାହା କୋଇଲାକୁ ସିଧାସଳଖ ଜାଳିବା ପରିବର୍ତ୍ତେ ଗ୍ୟାସରେ ପରିଣତ କରେ। ଏହି ଗ୍ୟାସ ଇନ୍ଧନ, ୟୁରିଆ, ମିଥାନଲ୍ ଏବଂ ଅନେକ ରାସାୟନିକ ପଦାର୍ଥ ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ। ସରକାର କହିଛନ୍ତି ଯେ ଭାରତରେ କୋଇଲାର ବିପୁଳ ଭଣ୍ଡାର ଅଛି। ଏପରି ପରିସ୍ଥିତିରେ, ଯଦି ଦେଶ ନିଜସ୍ୱ କୋଇଲାରୁ ଗ୍ୟାସ ଏବଂ ରାସାୟନିକ ପଦାର୍ଥ ଉତ୍ପାଦନ କରେ, ତେବେ ବିଦେଶୀ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

## ବ୍ୟାଙ୍କ୍ ଅଫ୍ ବରୋଦା ନିଟ୍ ଲାଭରେ ୧୧.୨% ବୃଦ୍ଧି

ମୁମ୍ବଇ, ୧୩।୫ (ଏଜେନ୍ସି): ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ନିଟ୍ ଲାଭ ୧୧.୨% ବୃଦ୍ଧି ପାଇ ୫,୬୧୬ କୋଟି ଟଙ୍କା ହୋଇଛି, ଯାହା ବ୍ୟାଙ୍କ ପାଇଁ ସବୁଠୁ ଭଲ ତ୍ରୈମାସିକ ସାବ୍ୟସ୍ତ ହୋଇଛି। ୨୦୨୫-୨୬ ଆର୍ଥିକବର୍ଷରେ ବ୍ୟାଙ୍କର ନିଟ୍ ଲାଭ ୨୦,୦୦୦ କୋଟି ଟଙ୍କା ସ୍ତର ଅତିକ୍ରମ କରି ୨୦,୦୨୧ କୋଟି ଟଙ୍କା ହୋଇଛି। ତ୍ରୈମାସିକ ପରିଚାଳନା ଲାଭ ପରିମାଣ ୧୧.୫ ପ୍ରତିଶତ ବୃଦ୍ଧି ପାଇ ୯,୦୬୯ କୋଟି ଟଙ୍କା ହୋଇଥିବାବେଳେ ଆର୍ଥିକବର୍ଷ ପାଇଁ ତାହା ୩୨,୨୫୯ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ନିଟ ସୁଧ ଆୟ ଏହି ତ୍ରୈମାସିକରେ ୮.୭ ପ୍ରତିଶତ ବୃଦ୍ଧି ଘଟି ୧୨,୪୯୪ କୋଟି ଟଙ୍କା ହୋଇଛି। ଆର୍ଥିକବର୍ଷ ପାଇଁ ତାହା ୪୭,୬୮୨ କୋଟି ଟଙ୍କା ହୋଇଛି। ପରିଚାଳନା ଖର୍ଚ୍ଚ ପରିମାଣ ୮.୭ ପ୍ରତିଶତ ହ୍ରାସ ପାଇ ୭,୩୯୧ କୋଟି ଟଙ୍କା ହୋଇଥିବା ବେଳେ ଆର୍ଥିକ ବର୍ଷ ପାଇଁ ତାହା ୩୧,୧୮୦ କୋଟି ଟଙ୍କା ହୋଇଛି। ଅପରପକ୍ଷେ ବ୍ୟାଙ୍କର ସମ୍ପତ୍ତିରୁ ରିଟର୍ଣ୍ଣ ୧ ପ୍ରତିଶତରୁ ଅଧିକ ୧.୧୫ ପ୍ରତିଶତ ରହିଛି। ଇକ୍ୱିଟିରୁ ରିଟର୍ଣ୍ଣ ୧୭.୨୭ ପ୍ରତିଶତ ରହିଥିବାବେଳେ ଜମା ଉପରେ ଖର୍ଚ୍ଚ ଏହି ତ୍ରୈମାସିକରେ ୪.୭୮ ପ୍ରତିଶତ ରହିଛି। ବିଶ୍ୱସ୍ତରୀୟ ନିଟ ସୁଧ ମାର୍ଜିନ ୨.୮୯ ପ୍ରତିଶତ ଏବଂ ଘରୋଇ ନିଟ୍ ସୁଧ ମାର୍ଜିନ ୩.୦୮ ପ୍ରତିଶତ ରହିଥିବା ଜଣାପଡିଛି।

## ବଢ଼ିବ ପେଟ୍ରୋଲ-ଡିଜେଲ୍ ଦାମ୍ !

### ଚେତାବନୀ ଦେଲେ ଆରବିଆଇ ଗଭର୍ଣ୍ଣର

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ସାରା ବିଶ୍ୱରେ ଶକ୍ତି ସଙ୍କଟ ଉଗ୍ର ହେବାରେ ଲାଗିଛି। ଏଥିରେ ଭାରତ ମଧ୍ୟ ପ୍ରଭାବିତ। ଆଗକୁ ଦେଶରେ ପେଟ୍ରୋଲ-ଡିଜେଲ୍‌ର ମୂଲ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଶକ୍ତି ସଞ୍ଚୟ ପାଇଁ ଦେଶବାସୀଙ୍କୁ ଅପିଲ କରିଛନ୍ତି। ଏହା ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ପେଟ୍ରୋଲ ଏବଂ ଡିଜେଲର ଦରଦାମ ବୃଦ୍ଧିକୁ ନେଇ ଚେତବାନୀ ଦେଇଛନ୍ତି। ଶ୍ରୀ ମାଲହୋତ୍ରା ଜୁରିଚ୍‌ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏବଂ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ ଦ୍ୱାରା ଆୟୋଜିତ ଦ୍ୱାଦଶ ଉଚ୍ଚସ୍ତରୀୟ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁଁ ସରକାର ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧିର ଭାର ବହନ କରୁଛନ୍ତି। ତଥାପି, ଯଦି ଏହି ଟ୍ରେଣ୍ଡ ଦୀର୍ଘ ସମୟ ଧରି ଜାରି ରହେ, ତେବେ ସାଧାରଣ ଗ୍ରାହକମାନେ ଇନ୍ଧନ ମୂଲ୍ୟ ବୃଦ୍ଧିର ସମ୍ମୁଖୀନ ହୋଇପାରନ୍ତି।

ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ସତ୍ତ୍ୱେ, ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ସ୍ଥିର ରହିଛି। ଅପରପକ୍ଷେ ସରକାର ଗ୍ୟାସ୍ ମୂଲ୍ୟ ବୃଦ୍ଧି କରିସାରିଛନ୍ତି। ଆରବିଆଇ ଗଭର୍ଣ୍ଣରଙ୍କ ଅନୁଯାୟୀ, ୭୫ ଦିନରୁ ଅଧିକ ସମୟ ଧରି ଲାଗି ରହିଥିବା ସଙ୍କଟ ଯୋଗୁଁ, ବର୍ତ୍ତମାନର ପରିସ୍ଥିତିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଜାୟ ରଖିବା ସମ୍ଭବ ହେବ ନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ, ଯଦି ଏହି ପରିସ୍ଥିତି ଦୀର୍ଘ ସମୟ ପାଇଁ ଜାରି ରହେ, ତେବେ ଏହି ବର୍ଦ୍ଧିତ ମୂଲ୍ୟର ଚାପ ଗ୍ରାହକଙ୍କ ଉପରେ ପଡ଼ିବ। ପଶ୍ଚିମ ଏସିଆ ଉପରେ ଭାରତର ଅର୍ଥନୈତିକ ନିର୍ଭରଶୀଳତା ଦେଶର ଅର୍ଥନୀତି ପାଇଁ ରଣନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଭାରତର ମୋଟ ଆମଦାନୀ ଏବଂ ରପ୍ତାନୀର ୧/୬ ଭାଗ ଏହି ଅଞ୍ଚଳ ସହିତ ଜଡିତ।

ତୈଳ ସଙ୍କଟର ପ୍ରଭାବ

# ବଢୁଛି ଇଭି ସ୍କୁଟରର ଲୋକପ୍ରିୟତା

ନୂଆଦିଲ୍ଲୀ,୧୩।୫(ଏଜେନ୍ସି):

ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଉତ୍ତେଜନା ଏବେ ବି ବୃଦ୍ଧି ପାଉଛି, ଯାହା ଭାରତର ଅନେକ କ୍ଷେତ୍ରକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ଏବେ ଭାରତର ଅଟୋ ମୋବାଇଲ କ୍ଷେତ୍ରରେ ମଧ୍ୟ ଅନୁଭୂତ ହେଉଛି, ଯାହା ଫଳରେ ମୋଟରସାଇକଲ ଚାହିଦା ହ୍ରାସ ପାଇଛି। ବଜାଜ୍ ଅଟୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ଗ୍ରାହକଙ୍କ ବିଶ୍ୱାସକୁ ଦୁର୍ବଳ କରିଛି, ଯାହା ପ୍ରବେଶ-ସ୍ତରୀୟ ମୋଟରସାଇକଲର ବିକ୍ରିକୁ ପ୍ରଭାବିତ କରିଛି। ଏହି ସମୟରେ, ଇଲେକ୍ଟ୍ରିକ୍ ବା ଇଭି ସ୍କୁଟରର ଚାହିଦା ଦ୍ରୁତ ଗତିରେ ବଢୁଛି।



ବଜାଜ ଅଟୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୫-୨୬ର ଚତୁର୍ଥ ତ୍ରୈମାସିକରେ ମୋଟରସାଇକଲ ଶିଳ୍ପ ପ୍ରାୟ ୨୦ ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା, କିନ୍ତୁ ଏହି ଅଭିବୃଦ୍ଧି ଏପ୍ରିଲରେ ମାତ୍ର ୭ ରୁ ୯ ପ୍ରତିଶତକୁ ହ୍ରାସ ପାଇଛି। ତାଙ୍କକହିବାନୁନୁଯାୟୀ, ମାର୍ଚ୍ଚ ଏବଂ ଏପ୍ରିଲ ମଧ୍ୟରେ ପରିସ୍ଥିତି ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଛି। ମୁଖ୍ୟତଃ ମଧ୍ୟପ୍ରାଚ୍ୟରେ ବଢୁଥିବା ଭୂ-ରାଜନୈତିକ ସଙ୍କଟ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପଶ୍ଚିମ ଏସିଆ ସଙ୍କଟ ଏଲପିଜି ଅଭାବ, ଯୋଗାଣ ଶୃଙ୍ଖଳ ବାଧା, ଲଜିଷ୍ଟିକ୍ସ ସମସ୍ୟା ଏବଂ ମୁଦ୍ରାସ୍ଫୀତି ସୃଷ୍ଟି କରିଛି। ଏହା ଲୋକଙ୍କ ଖର୍ଚ୍ଚ ଅଭ୍ୟାସକୁ ମଧ୍ୟ ପ୍ରଭାବିତ କରିଛି। କମ୍ ମୂଲ୍ୟରେ ବଜାର ମିଳୁଥିବା ମୋଟରସାଇକଲର ଚାହିଦା ବିଶେଷ ଭାବରେ ପ୍ରଭାବିତ ହୋଇଛି, କାରଣ ଆର୍ଥିକ ଚାପ ଦ୍ୱାରା ନିମ୍ନ ଆୟକାରୀ ଗୋଷ୍ଠୀ ପ୍ରଥମେ ପ୍ରଭାବିତ

### ଚାପରେ ନିମ୍ନ ଆୟକାରୀ
### ବଜାରରେ କମୁଛି ମୋଟରସାଇକଲ୍ ଚାହିଦା

ହୋଇଛନ୍ତି। ଏହି ସମୟରେ, ବଜାଜ ଅଟୋ ପାଇଁ ଏକ ଆଶ୍ୱସ୍ତିର କଥା ହେଉଛି ଯେ ୧୫୦ ସିସିରୁ ଅଧିକ କ୍ଷମତା ବିଶିଷ୍ଟ ମୋଟରସାଇକଲର ଚାହିଦା ବଜାରରେ ଦୃଢ଼ ରହିଛି। ଏହି ସେଗମେଣ୍ଟରେ ବଜାଜ ଅଟୋର ଦୃଢ଼ ଦଖଲ ରହିଛି। କମ୍ପାନୀ ଆଶା କରୁଛି ଯେ ଏହି ସେଗମେଣ୍ଟ ଶିଳ୍ପରେ ଦୁଇଗୁଣ ହାରରେ ବୃଦ୍ଧି ପାଇବ। ଯୁଦ୍ଧ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ନେଇ ଚିନ୍ତା ବଢୁଥିବାରୁ ବୈଦ୍ୟୁତିକ ଯାନ(ଇଭି) ଗୁଡ଼ିକ ଲାଭ ଉଠାଉଛନ୍ତି। ବଜାଜ ଅଟୋର ବୈଦ୍ୟୁତିକ ସ୍କୁଟର ବଜାଜ ଚେତକ, ଦୃଢ଼ ବିକ୍ରି ରେକର୍ଡ ବଜାର ରଖିଛି। କମ୍ପାନୀ ଅନୁଯାୟୀ, ଏପ୍ରିଲରେ ଏହାର ବିକ୍ରି ୬୦%ରୁ ଅଧିକ ବୃଦ୍ଧି ପାଇଛି, ଯାହା ପେଟ୍ରୋଲ ସ୍କୁଟର ତୁଳନାରେ ଯଥେଷ୍ଟ ଅଧିକ।

ଶ୍ରୀ ଶର୍ମା କହିଛନ୍ତି ଯେ ପେଟ୍ରୋଲ ମୂଲ୍ୟ କେବଳ ମୁଦ୍ରାସ୍ଫୀତି ବୃଦ୍ଧି କରେ ନାହିଁ ବରଂ ଲୋକଙ୍କ ଧାରଣା ଏବଂ କ୍ରୟ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରେ। ଲୋକମାନେ ଭୟ କରୁଛନ୍ତି ଯେ ପେଟ୍ରୋଲ ଭବିଷ୍ୟତରେ ଆହୁରି ଅଧିକ ମହଙ୍ଗା ହୋଇପାରେ, ତେଣୁ ସେମାନେ ଇଭି ସ୍କୁଟରର ଆଡକୁ ମୁହାଁଇଛନ୍ତି। ଏହା ସହିତ, କଞ୍ଚାମାଲ ମୂଲ୍ୟ ବୃଦ୍ଧି ଯୋଗୁଁ, ଅନେକ ଅଟୋ କମ୍ପାନୀ ଯାନବାହାନର ମୂଲ୍ୟ ବୃଦ୍ଧି କରିଛନ୍ତି। ବଜାଜ ଅଟୋ କହିଛି ଯେ ପୂର୍ବରୁ ଜିଏସ୍‌ଟି ହ୍ରାସର କିଛି ଲାଭ ଏବେ ଲୋପ ପାଇବାକୁ ଯାଉଛି। ଯଦି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରା ନ ଯାଏ, ତେବେ ଭବିଷ୍ୟତରେ ଦୁଇଚକିଆ ଯାନ ବଜାରରେ ଚାହିଦା ଆହୁରି ଦୁର୍ବଳ ହୋଇପାରେ।

